The Orissa Gazette

EXTRAORDINARY

PUBLISHED BY AUTHORITY

No. 505, CUTTACK, WEDNESDAY, MARCH 9, 2011/ FALGUNA 18, 1932

## HOUSING & URBAN DEVELOPMENT DEPARTMENT

NOTIFICATION

The 8th March, 2011

**S.R.O. No.91/**2011— In pursuance of sub-section (1) and clause(h) of sub-section(2) of Section 54 of the Orissa Municipal Act,1950(Orissa Act 23 of 1950), the State Government do hereby publish the following resolution passed by more than two third of the total number of the Councillors of Ganjam, Notified Area Council at a meeting of the said council held at 10.30 A.M. on the 7th January, 2011 in the Meeting Hall of the Ganjam, Notified Area Council specially convened by the District Magistrate, Ganjam, Chatrapur and presided over by the Sub-Collector, Chatrapur having been specially authorized by the District Magistrate, Ganjam, Chatrapur under clause (d) of sub-section (2) of Section 54 of the said Act, recording want of confidence on Sri Prakash Chandra Sahu, Chairperson of the aforesaid council along with records of proceedings at such meeting.

As such Sri Prakash Chandra Sahu holding the office of Chairperson of the Ganjam, Notified Area Council shall be deemed to have vacated such office with effect from the date of passing of the resolution i.e. the 7th January, 2011.

**"RESOLUTION"**

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମର ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ସମନ୍ଧୀୟ ସ୍ୱତନ୍ତ୍ର ବୈଠକ

ସ୍ଥାନ— ବିଜ୍ଞାପିତ ଅଞ୍ଚଳ ପରିଷଦର ବୈଠକ ଗୃହ
ତା.07.01.2011
ସମୟ— ପୂର୍ବାହ୍ନ 10.30 ମି.

## ଉପସ୍ଥିତ କାଉନସିଲରମାନଙ୍କ ଉପସ୍ଥିତ ବିବରଣୀ

| କ୍ର:ନଂ. (1) | କାଉନସିଲରମାନଙ୍କ ନାମ (2) | ୱା.ନଂ. (3) | ସ୍ୱାକ୍ଷର (4) |
|---|---|---|---|
| 1 | ଶ୍ରୀମତୀ କୁନ୍ତି ମହାନ୍ତି | 01 | ସ୍ୱାକ୍ଷରିତ |
| 2 | ଶ୍ରୀ ମହେନ୍ଦ୍ର କୁମାର ବେହେରା | 02 | ସ୍ୱାକ୍ଷରିତ |
| 3 | ଶ୍ରୀ ଦୁର୍ଗାମାଧବ ପାଣିଗ୍ରାହି | 03 | ସ୍ୱାକ୍ଷରିତ |
| 4 | ଶ୍ରୀ ଶରତ ଚନ୍ଦ୍ର ପଣ୍ଡା | 04 | ସ୍ୱାକ୍ଷରିତ |
| 5 | ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ | 05 | |
| 6 | ଶ୍ରୀ ଦଣ୍ଡପାଣି ପରିଡା | 06 | ସ୍ୱାକ୍ଷରିତ |
| 7 | ଶ୍ରୀମତୀ କୁମାରୀ ବେହେରା | 07 | ସ୍ୱାକ୍ଷରିତ |
| 8 | ଶ୍ରୀମତୀ ଉର୍ମୀଳା ପଲାଇ | 08 | ସ୍ୱାକ୍ଷରିତ |
| 9 | ଶ୍ରୀମତୀ ସୁଷମା ତରେଇ | 09 | |
| 10 | ଶ୍ରୀ ଯଯାତୀ ବେହେରା | 10 | ସ୍ୱାକ୍ଷରିତ |
| 11 | ଶ୍ରୀ କୈଳାସ ଯାନୀ | 11 | ସ୍ୱାକ୍ଷରିତ |
| 12 | ଶ୍ରୀ ପି.ରାଜୁ ରେଡ୍ଡି | 12 | ସ୍ୱାକ୍ଷରିତ |

ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ଘ.10.30 ମି. ସମୟରେ ଉପରୋକ୍ତ କାଉନସିଲର ଉପସ୍ଥିତ ଥିଲେ। ଉପରୋକ୍ତ କାଉନସିଲରମାନଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମର ସ୍ଥାୟୀ କର୍ମଚାରୀ ଶ୍ରୀ ଅରୁଣ କୁମାର ନାୟକ, ହିସାବ ରକ୍ଷକ ଚିହ୍ନଟ କରିଥିଲେ।

ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମର ୨ (ନଅ) ଜଣ କାଉନସିଲର ଦେଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ଗଞ୍ଜାମ ଜିଲ୍ଲାପାଳ, ଛତ୍ରପୁରଙ୍କ ପ.ସଂ. 4944 ତା-29.12.2010 ରିଖ ପ୍ରକାରେ ଅଦ୍ୟ ତା.07.01.2011 ପୂର୍ବାହ୍ନ ଘ.10.30 ମି. ରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବାପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଅଛି ଏବଂ

ଶ୍ରୀଯୁକ୍ତ ତ୍ରିଲୋଚନ ମାଝୀ, ଓ.ଏ.ଏସ.(I) କନିଷ୍ଠବର୍ଗ ଉପଜିଲ୍ଲାପାଳ ଛତ୍ରପୁରଙ୍କୁ ପ୍ରିଜାଇଡିଂ ଅଧିକାରୀ ଭାବେ ଜିଲ୍ଲାପାଳ, ଗଞ୍ଜାମଙ୍କ ଆଦେଶନାମା ସଂ.4941 ତା.29.12.2010 ରିଖ ପ୍ରକାରେ ସ୍ୱତନ୍ତ୍ର ବୈଠକ ପରିଚାଳନା କରିବା ପାଇଁ ଆଦେଶ ପ୍ରଦାନ କରାଯାଇଛି। ତଦନୁଯାୟୀ ଶ୍ରୀଯୁକ୍ତ ତ୍ରିଲୋଚନ ମାଝୀ, ଓ.ଏ.ଏସ.(I) କନିଷ୍ଠବର୍ଗ ଉପଜିଲ୍ଲାପାଳ ଛତ୍ରପୁର, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବର ସ୍ୱତନ୍ତ୍ର ବୈଠକରେ ପ୍ରିଜାଇଡିଂ ଅଫିସର ଭାବେ କାର୍ଯ୍ୟ ପରିଚାଳନା କରିଥିଲେ।

ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମର ମୋଟ 12 (ବାର) ଜଣ ପାରିଷଦ, (ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ କାଉନସିଲରଙ୍କ) ମଧ୍ୟରୁ ଉପରୋକ୍ତ ମତେ 10 (ଦଶ)ଜଣ ସଭ୍ୟ/ସଭ୍ୟା ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ଘ.10.30 ମି. ରେ ଉପସ୍ଥିତ ହୋଇଥିଲେ। ଉକ୍ତ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କ ସଂଖ୍ୟା ପରିଷଦର ସଭ୍ୟ/ସଭ୍ୟା ସଂଖ୍ୟାର ଦୁଇ-ତୃତୀୟାଂଶରୁ ଅଧିକ ହୋଇଥିବାରୁ ସ୍ୱତନ୍ତ୍ର ବୈଠକର କୋରମ ହୋଇଥିଲା।

ବୈଠକର ପ୍ରାରମ୍ଭରେ ପ୍ରଜାଇଡିଂ ଅଫିସର ଆହୁତ ସ୍ୱତନ୍ତ୍ର ବୈଠକର କାରଣ ଓ ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ ଏବଂ ପରିଷଦ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଅଦ୍ୟ ସ୍ୱତନ୍ତ୍ର ବୈଠକରେ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ଗୁପ୍ତ ମତଦାନ ମାଧ୍ୟମରେ ନିଜ ନିଜର ମତାମତ ପ୍ରଦାନ ନିମନ୍ତେ ପ୍ରକାଶ କରିଥିଲେ ।

ଗୁପ୍ତ ମତଦାନ ନିମନ୍ତେ ବୈଠକ ଗୃହରେ ଏକ ମତଦାନ କକ୍ଷ ପ୍ରସ୍ତୁତ କରାଯାଇଥିଲା ଏବଂ ଭୋଟ ନିମନ୍ତେ ଭୋଟ କାଗଜ ପ୍ରସ୍ତୁତ କରାଯାଇଥିଲା। ଭୋଟ ଗ୍ରହଣ ପୂର୍ବରୁ ପ୍ରିଜାଇଡିଂ ଅଫିସରଙ୍କ ଦ୍ୱାରା ଉପସ୍ଥିତ ସମସ୍ତ ସଭ୍ୟ/ସଭ୍ୟାଙ୍କୁ ଭୋଟ କାଗଜ ପ୍ରଦର୍ଶନ କରାଯାଇଥିଲା ଏବଂ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଓ ଅନାସ୍ଥା ପ୍ରସ୍ତାବ ବିପକ୍ଷରେ ଲେଖାଥିବା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ। ସମସ୍ତ ଉପସ୍ଥିତ ସଭ୍ୟ/ସଭ୍ୟା ପୂର୍ଣ୍ଣ ଅବଗତ ଥାଇ ଗୁପ୍ତ ମତଦାନ ପ୍ରକ୍ରିୟା ପୂର୍ବାହ୍ନ ଘ.11.15 ମି. ରେ ଆରମ୍ଭ କରାଯାଇଥିଲା।

ପ୍ରିଜାଇଡିଂ ଅଫିସର ଭୋଟ ବାକ୍ସକୁ ଉପସ୍ଥିତ ସମସ୍ତ କାଉନସିଲରଙ୍କ ସମ୍ମୁଖରେ ଖାଲିଥିବା ଦେଖାଇଥିଲେ। ଉକ୍ତ ବାକ୍ସଟି ଖାଲିଥିବା ସମସ୍ତ ସଭ୍ୟ/ସଭ୍ୟା ଉପଲବ୍ଧି କରିଥିଲେ ଏବଂ ଉକ୍ତ ବାକ୍ସଟିକୁ ଜଉମୁଦ ଦ୍ୱାରା ସିଲ କରାଯାଇଥିଲା। ଏହାପରେ ଭୋଟ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।

ଉପସ୍ଥିତ ଥିବା ଦଶଜଣ କାଉନସିଲର ପ୍ରିଜାଇଡିଂ ଅଫିସରଙ୍କ ଠାରୁ ବାଲଟ ପେପର ଗ୍ରହଣ କରି ଗୁପ୍ତ ମତଦାନ ପ୍ରଦାନ କରି ଭୋଟ ବାକ୍ସରେ ପକାଇଥିଲେ। ଉପସ୍ଥିତ ସମସ୍ତ 10(ଦଶ) ଜଣ ପାରିଷଦଙ୍କ ଦ୍ୱାରା ଗୁପ୍ତ ମତଦାନ ପରେ ଭୋଟ ଗ୍ରହଣ ପ୍ରକ୍ରୀୟା ପୂର୍ବାହ୍ନ ଘ.11.25 ମି. ରେ ସଂପର୍ଣ୍ଣ ହୋଇଥିଲା। ଭୋଟ ବାକ୍ସଟିକୁ ବିଧିବଦ୍ଧ ଭାବେ ପ୍ରିଜାଇଡିଂ ଅଫିସରଙ୍କ ଦ୍ୱାରା ଖୋଲାଯାଇ ଭୋଟ ଗଣତି ଉପସ୍ଥିତ ସମସ୍ତ

କାଉନସିଲରଙ୍କ ସମ୍ମୁଖରେ ସମାପନ କରାଯାଇଥିଲା। ଭୋଟ ବାକ୍ସ ମଧ୍ୟରୁ ମୋଟ 10 (ଦଶ) ଗୋଟି ଭୋଟ କାଗଜ ମିଳିଥିଲା। ଭୋଟ କାଗଜ ଗଣତି ପରେ ସମସ୍ତ 10 (ଦଶ) ଗୋଟି ଭୋଟ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଦିଆଯାଇଥିବା ଜଣାଗଲା ଏବଂ କୌଣସି ଭୋଟ କାଗଜ ନାକଚ ହୋଇ ନଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମର ମୋଟ 12(ବାର) ଜଣ ପାରିଷଦଙ୍କ ମଧ୍ୟରୁ 10(ଦଶ) ଜଣ ଅର୍ଥାତ ଦୁଇତୃତୀୟାଂଶରୁ ଅଧିକ ପାରିଷଦ, ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ମତଦାନ କରିଥିବାରୁ ଅନାସ୍ଥା ପ୍ରସ୍ତାବ ଆଇନାନୁଯାୟୀ ଗୃହୀତ ହୋଇଥିଲା।

ଉପରୋକ୍ତ ବିବରଣୀ ସଠିକ ଭାବେ ଲିପିବଦ୍ଧ ହୋଇଥିବାରୁ ଉପସ୍ଥିତ ସମସ୍ତ ପାରିଷଦ ନିଜର ସହମତି ପ୍ରଦାନ ସହ ସ୍ୱାକ୍ଷର କରିଥିଲେ।

ତଦନୁଯାୟୀ ଉପସ୍ଥିତ ସମସ୍ତ ସଭ୍ୟ/ସଭ୍ୟା ସ୍ୱାକ୍ଷର ପ୍ରଦାନ କରିଥିଲେ।

1. Urmila Pallai (V.C.) Ward No.8
2. କୁନ୍ତି ମହାନ୍ତି, Ward No.1
3. Smt. Kumari Behera, Councillo. Ward No.7
4. Mahendra Ku. Beher. Councillor ,Ward No.2
5. P. Raju Reddy, Councillo. Ward No.-12
6. କୈଳାସ ଜାନି, Councillo. Ward No.11
7. Jajati Behera, Councillor Ward No.10
8. Durga Madhab Panigrahi, Councillo. Ward No.3
9. Dandapai Parida, Councillor, Ward No. 6
10. Sarat Chandra Panda, Ward No.4

Sd/-
୭/୧/୧୧
Presiding Officer-*cum*-Sub-Collector,Chatrapur

[No.6665-Spl.Ml-01/2011/HUD.]

By order of the Governor

D.K.BIHARA
Director, Municipal Administration and
*Ex Officio*, Additional Secretary to Government

Printed and published by the Director, Printing, Stationery and Publication, Orissa, Cuttack-10
Ex. Gaz. 2288-193+20